# ଗାନ୍ଧୀଙ୍କ ୧୫୦ତମ ଜନ୍ମ ବର୍ଷରେ 'ମହାତ୍ମା' ବିବାଦ

## ବୀରେନ୍ଦ୍ର ନାୟକ

ଅଦାଲତରେ ବିବାଦ

ମୋହନଦାସ କରମଚାନ୍ଦ ଗାନ୍ଧୀଙ୍କୁ କିଏ 'ମହାତ୍ମା' ଉପାଧିରେ ପ୍ରଥମେ ସମ୍ବୋଧିତ ବା ଭୂଷିତ କଲେ, ତାହାକୁ ନେଇ ବିବାଦ ଉପୁଜିବା ବେଶ୍ ରୋଚକ ମନେ ହୋଇପାରେ । କିନ୍ତୁ ଏପରି ବିବାଦ ହୋଇଛି, ଓ ଏହାର ସମାଧାନ ପାଇଁ ଅଦାଲତର ଆଶ୍ରୟ ନିଆଯାଇଛି । ବିଡ଼ମ୍ବନା ଯେ ଏହି ବିବାଦ ଉପୁଜିଛି ଗାନ୍ଧୀଙ୍କ ଜନ୍ମ ରାଜ୍ୟ ଗୁଜରାଟରେ, ପୁଣି ରାଜକୋଟରେ ଯେଉଁଠି ଗାନ୍ଧୀ ହାଇସ୍କୁଲ ପାଠ ପଢ଼ିଥିଲେ ଓ ତାଙ୍କର ଦାମ୍ପତ୍ୟ ଜୀବନର ପ୍ରଥମ କେତୋଟି ବର୍ଷ କଟାଇଥିଲେ । (ରାମଚନ୍ଦ୍ର ଗୁହା, ଗାନ୍ଧୀ, ପୃ ୧୩) ରାଜକୋଟ ଜିଲ୍ଲା ପଂଚାୟତ ଶିକ୍ଷଣ ସମିତି ଦ୍ଵାରା କିଛି ପଦବୀ ପାଇଁ ଅୟୋଜିତ ଏକ ପରୀକ୍ଷାରେ ଏହି ପ୍ରଶ୍ନ ପଚରା ଯାଇଥିଲା । ଜଣେ ପରୀକ୍ଷାର୍ଥୀ ଏହାର ଉ ରରେ 'ରବୀନ୍ଦ୍ରନାଥ ଟାଗୋର' ଲେଖିଥିଲେ । କିନ୍ତୁ ଏହା ପରୀକ୍ଷକଙ୍କୁ ଯୋଗାଇ ଦିଆଯାଇଥିବା ଉ ରମାଳା ସହିତ ମେଳ ନ ଖାଇବାରୁ ପରୀକ୍ଷାର୍ଥୀଙ୍କର ଏକ ମାର୍କ କଟା ଯାଇଥିଲା । ଉ ରମାଳରେ ଏହି ଉ ର ଥିଲା 'ଅଜଣା ସାମ୍ବାଦିକ' । କ୍ଷୁବ୍ଧ ପରୀକ୍ଷାର୍ଥୀ ଏହି ନିଷ୍ପ ି ବିରୋଧରେ ଗୁଜୁରାଟ ହାଇକୋର୍ଟର ଦ୍ଵାରସ୍ଥ ହୋଇଥିଲେ ଓ ମାନ୍ୟବର ନ୍ୟାୟାଳୟଙ୍କର ରାୟ ଥିଲା ଯେ ରବୀନ୍ଦ୍ରନାଥ ଟାଗୋର ହିଁ ପ୍ରଥମ ବ୍ୟକ୍ତି ଯିଏ ମୋହନଦାସ କରମଚାନ୍ଦ ଗାନ୍ଧୀଙ୍କ ପାଇଁ 'ମହାତ୍ମା' ଉପାଧି ପ୍ରୟୋଗ କରିଥିଲେ । ଏହି ରାୟ ଦେଲାବେଳେ ମାନ୍ୟବର ବିଚାରପତି ଉଲ୍ଲେଖ କରିଥିଲେ ଯେ ବିଦ୍ୟାଳୟ ସ୍ତରର ସମସ୍ତ ପାଠ୍ୟପୁସ୍ତକ ଟାଗୋରଙ୍କୁ ହିଁ ଏହି ଉପାଧିର ପ୍ରଥମ ପ୍ରୟୋଗର ଶ୍ରେୟ ଦିଅନ୍ତି[1] । କିନ୍ତୁ ଉ ରମାଳାରେ ଯେଉଁ ଉ ର ଉଲ୍ଲେଖ ହୋଇଥିଲା ତାହା ଗାନ୍ଧୀଙ୍କ ସଚିବ ମହାଦେବ ଦେଶାଇଙ୍କ ପୁତ୍ର ନାରାୟଣ ଦେଶାଇ (ନବକୃଷ୍ଣ ଚୌଧୁରୀଙ୍କ ଜ୍ୟେଷ୍ଠ ଜାମାତା)ରଚିତ ଆତ୍ମଜୀବନୀରୁ ହିଁ ନିଆଯାଇଥିଲା ବୋଲି ଯୁକ୍ତି ରଖିଥିଲେ ଶିକ୍ଷଣ ସମିତିର ଓକିଲ । ଦକ୍ଷିଣ ଆଫ୍ରିକାରେ ଗାନ୍ଧୀ ଥିବା ସମୟରେ ଏହି ସାମ୍ବାଦିକଜଣକ ତାଙ୍କୁ ଏକ ପତ୍ର ଲେଖିଥିଲେ ଓ ସେହି ପତ୍ରରେ ଗାନ୍ଧୀଙ୍କୁ ମହାତ୍ମା ବୋଲି ଉଲ୍ଲେଖ କରିଥିଲେ[2] ।

**ପ୍ରଥମ କିଏ ?**

୨୦୧୬ ମସିହା ଫେବୃଆରୀ ମାସ ଗୁଜୁରାଟ ହାଇକୋର୍ଟର ଉପରୋକ୍ତ ନିଷ୍ପ ି ଯେ ଏହି ପ୍ରଶ୍ନର ସମାଧାନ ହୋଇପାରି ନାହିଁ ତାହା ସ୍ପଷ୍ଟ ହୁଏ ଯେତେବେଳେ ୨୦୧୮ ମସିହାରେ ପ୍ରକାଶିତ ରାମଚନ୍ଦ୍ର ଗୁହାଙ୍କ ରଚିତ ପୁସ୍ତକ Gandhi-the years that changed the world, 1914-1948ରେ ଲେଖନ୍ତି[3], "ଏହା ସାଧାରଣରେ ଧାରଣା ଯେ କବି ରବୀନ୍ଦ୍ରନାଥ ଟାଗୋର ହିଁ ପ୍ରଥମେ ଗାନ୍ଧୀଙ୍କୁ 'ମହାତ୍ମା' ବୋଲି ସମ୍ବୋଧନ କରିଥିଲେ । କିନ୍ତୁ ଏହା ଠିକ ନୁହେଁ । ଏହା ପୂର୍ବରୁ , ୧୯୧୦ ମସିହାରେ, ଗାନ୍ଧୀଙ୍କର ବନ୍ଧୁ ପ୍ରାଣଜୀବନ ମେହଟ୍ଟା (Pranjivan Mehta) ଗୋପାଳକୃଷ୍ଣ ଗୋଖଲେଙ୍କୁ ଲେଖିଥିବା ଏକ ପତ୍ରରେ ଗାନ୍ଧୀଙ୍କୁ 'ମହାତ୍ମା' ବୋଲି ଉଲ୍ଲେଖ କରିଥିଲେ । ମେହଟ୍ଟାଙ୍କ ଦ୍ଵାରା ଏହା ଏକ ଘରୋଇ ଘୋଷଣା ଥିଲା । ପ୍ରଥମ ସର୍ବସାଧାରଣରେ ଏହି ଉପାଧିର ପ୍ରୟୋଗ ହୋଇଥାଇପାରେ କାଠିଆୱାଡ଼ି ସହର ଗୋଣ୍ଡାଲରେ, ଯେଉଁଠାକୁ ଗାନ୍ଧୀ ଓ କସ୍ତୁରବା ଯାଇଥିଲେ ଭାରତରେ ପହଂଚିବାର ଅଳ୍ପ ଦିନ ମଧ୍ୟରେ । ୨୭ଜାନୁଆରୀ ୧୯୧୫ ଦିନ ଗୋଣ୍ଡାଲ ସହରର ଅଧିବାସୀ ଗାନ୍ଧୀଙ୍କ ସମ୍ମାନରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜନ କରିଥିଲେ.... ଏହି ସମ୍ବର୍ଦ୍ଧନା ସଭାରେ ଜୀବରାମ କାଳିଦାସ ଶାସ୍ତ୍ରୀ ନାମକ ଜଣେ ସ୍ଥାନୀୟ ସମ୍ମାନାସ୍ପଦ ପୁରୋହିତ (priest) ଗାନ୍ଧୀଙ୍କୁ ଏକ ସ୍କ୍ରଲ (scroll) ଦେଇଥିଲେ ଯେଉଁଥିରେ ତାଙ୍କୁ 'ମହାତ୍ମା' ବୋଲି ଉଲ୍ଲେଖ କରାଯାଇଥିଲା ।"

ଅଦାଲତରେ ଏହି ମାମଲା ଚାଲିଥିବା ବେଳେ ବଙ୍ଗଳାର ସ୍ଵନାମଧନ୍ୟ କବି ଓ ଟାଗୋର ବିଦ୍ଵାନ ଶଙ୍ଖ ଘୋଷ ଏକ ସାକ୍ଷାତକାର ଦେଇ କହିଥିଲେ ଯେ ରବୀନ୍ଦ୍ରନାଥ ଗାନ୍ଧୀଙ୍କୁ ମହାତ୍ମା ଉପାଧି ଦେବାରେ ପ୍ରଥମ ବ୍ୟକ୍ତି ନୁହନ୍ତି । ଶଙ୍ଖ ଘୋଷଙ୍କ ସୂଚନା ଅନୁଯାୟୀ[4], "ଦକ୍ଷିଣ ଆଫ୍ରିକାର ଡରବାନ ସହର ଟାଉନ ହଲରେ ଜୁଲାଇ ୧୨, ୧୯୧୪ ଦିନ ଅନୁଷ୍ଠିତ ଏକ ସମ୍ବର୍ଦ୍ଧନା ସଭାରେ ଗାନ୍ଧୀଙ୍କୁ ପ୍ରଥମଥର ପାଇଁ

‘ମହାତ୍ମା’ ବୋଲି ସମ୍ବୋଧନ କରାଯାଇଥିଲା । ଏହି ତଥ୍ୟ ଭାରତ ସରକାରଙ୍କ ଦ୍ୱାରା ପ୍ରକାଶିତ 'Mahatma Gandhi A Chronology' ପୁସ୍ତକରେ ଉଲ୍ଲେଖ କରାଯାଇଛି ।” ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା ଶଙ୍ଖ ଘୋଷ ଦିଅନ୍ତି ଯେତେବେଳେ ସେ ଦର୍ଶାନ୍ତି ଯେ ୧୯୧୫ରେ ଦୀନବନ୍ଧୁ ଅଣ୍ଡ୍ରୁଜ (C F Andrews)ଙ୍କୁ ଲେଖିଥିବା ଏକ ପତ୍ରରେ ଗାନ୍ଧୀଙ୍କୁ ସେ "Mr Gandhi" ବୋଲି ସମ୍ବୋଧନ କରିଥିଲେ ଯହାର ମୂଳ କପିଟି ରବୀନ୍ଦ୍ର ଭବନ ଅଭିଲେଖାଗାରରେ ଅଛି । କିନ୍ତୁ ଯେତେବେଳେ ଏହି ପତ୍ରଟିକୁ ଅଣ୍ଡ୍ରୁଜ ସମ୍ପାଦିତ 'Letters to a Friend'ରେ ପ୍ରକାଶ କରାଗଲା (୧୯୨୮ ମସିହାରେ), ସେତେବେଳେ "Mr Gandhi" ସ୍ଥାନରେ 'Mahatma' ଲେଖି ଦିଆଗଲା । ଟାଗୋର ଗାନ୍ଧୀଙ୍କୁ ଲେଖିଥିବା ଅନ୍ୟୁନ ଦୁଇଟି ପତ୍ରରେ ଗାନ୍ଧୀଙ୍କୁ ଟାଗୋର ‘Mr Gandhi" ବୋଲି ସମ୍ବୋଧନ କରିଥିଲେ । ଗୋଟିଏ ପତ୍ର ଲେଖା ହୋଇଥିଲା ୧୯୧୫ରେ ଓ ଅନ୍ୟଟି ଲେଖା ହୋଇଥିଲା ୨୪ ଜାନୁଆରୀ ୧୯୧୮ ଦିନ । କିନ୍ତୁ ୧୨ ଏପ୍ରିଲ ୧୯୧୯ ଦିନ ଲିଖିତ ପତ୍ରରେ ଓ ଏହା ପରଠାରୁ ସମସ୍ତ ପତ୍ରାଳାପରେ ଟାଗୋର ଗାନ୍ଧୀଙ୍କୁ DEAR MAHATMAJI ବୋଲି ସମ୍ବୋଧନ କରିଛନ୍ତି[୫] । ଅବଶ୍ୟ ୧୨ ଏପ୍ରିଲ ୧୯୧୯ ଦିନ ଲିଖିତ ଉକ୍ତ ପତ୍ରଟି ଥିଲା ଗାନ୍ଧୀ ଟାଗୋରଙ୍କୁ ଲେଖିଥିବା ପତ୍ରର ଉ ର । ଗାନ୍ଧୀ ଏହି ପତ୍ର ଲେଖିଥିଲେ ୫ଏପ୍ରିଲ ୧୯୧୯ରେ ଯେଉଁଠି ଗାନ୍ଧୀ ଟାଗୋରଙ୍କୁ DEAR GURUDEV ବୋଲି ସମ୍ବୋଧନ କରିଥିଲେ[୬] । ତେବେ ଟାଗୋରଙ୍କୁ ‘ଗୁରୁଦେବ’ ସମ୍ବୋଧନ କରିବାରେ ଗାନ୍ଧୀ ପ୍ରଥମ ବ୍ୟକ୍ତି ବୋଲି ଧାରଣାକୁ ମଧ୍ୟ ଖଣ୍ଡନ କରିଛନ୍ତି ଶଙ୍ଖ ଘୋଷ ଓ ଦର୍ଶାଇଛନ୍ତି[୪] ଯେ ଟାଗୋରଙ୍କର ସମକାଳୀନ ବ୍ରହ୍ମବାନ୍ଧବ ଉପାଧ୍ୟାୟ ୧୯୦୧ ମସିହାରେ ଟାଗୋରଙ୍କୁ ‘ଗୁରୁଦେବ’ ବୋଲି ସମ୍ବୋଧନ କରିଥିଲେ ବୋଲି ସ୍ୱୟଂ ଟାଗୋର ତାଙ୍କ ଦ୍ୱାରା ରଚିତ ପୁସ୍ତକ ‘ଆଶ୍ରମେର ରୂପ ଓ ବିକାଶ’ରେ ଉଲ୍ଲେଖ କରନ୍ତି । କିନ୍ତୁ ଶଙ୍ଖ ଘୋଷ ସ୍ୱୀକାର କରିଛନ୍ତି ଯେ ଗାନ୍ଧୀଙ୍କ ପାଇଁ ‘ମହାତ୍ମା’ ଉପାଧିକୁ ଜନପ୍ରିୟ କରାଇଛନ୍ତି ଟାଗୋର ଓ ଆର୍ଯ୍ୟସମାଜୀ ସ୍ୱାମୀ ଶ୍ରଦ୍ଧାନନ୍ଦ ।

ଉପରୋକ୍ତ ସୂଚନାରୁ ସ୍ପଷ୍ଟ ହୁଏ ଯେ ଜାନୁଆରୀ ୧୯୧୮ ପର୍ଯ୍ୟନ୍ତ ରବୀନ୍ଦ୍ରନାଥ ଗାନ୍ଧୀଙ୍କ ପାଇଁ ମହାତ୍ମା ଶବ୍ଦର ପ୍ରୟୋଗ କରି ନ ଥିଲେ, ଯଦିଓ ୬ ମାର୍ଚ୍ଚ ୧୯୧୫ରେ ତାଙ୍କର ପ୍ରଥମ ସାକ୍ଷାତ ଶାନ୍ତିନିକେତନରେ ହୋଇଥିଲା । ଗାନ୍ଧୀ ଦକ୍ଷିଣ ଆଫ୍ରିକାକୁ ଛାଡ଼ି ଭାରତକୁ କର୍ମଭୂମି ଭାବେ ନିଜର କରିନେବା ପାଇଁ ଭାରତରେ ଆସି ପହଂଚିଥିଲେ ୯ ଜାନୁଆରୀ ୧୯୧୫ ଦିନ ବମ୍ବେରେ । ଗାନ୍ଧୀଙ୍କୁ ଟାଗୋର ଯେଉଁ ପତ୍ରମାନ ଲେଖିଥିଲେ ସେଥିରେ ମହାତ୍ମା ସମ୍ବୋଧନ କରି ଲେଖିଥିବା ପ୍ରଥମ ପତ୍ର ହେଉଛି ୧୨ ଏପ୍ରିଲ ୧୯୧୯ର । କିନ୍ତୁ ଏହା ପୂର୍ବରୁ ଗାନ୍ଧୀଙ୍କ ପାଇଁ ମହାତ୍ମା ଶବ୍ଦର ପ୍ରୟୋଗ ଦେଖିବାକୁ ମିଳେ କୁମ୍ଭକୋନମ ସହରରେ, ୬ଏପ୍ରିଲ ୧୯୧୯ଦିନ ରୌଲାଟ୍ (Rowlatt) ଆକ୍ଟ ବିରୋଧରେ ହେଉଥିବା ସତ୍ୟାଗ୍ରହରେ ଏକ ରିଜୋଲ୍ୟୁସନର ଯାହା ରାମଚନ୍ଦ୍ର ଗୁହା ତାଙ୍କ ପୁସ୍ତକରେ ଉଦ୍ଧାର କରିଛନ୍ତି । ରିଜୋଲ୍ୟୁସନଟି ଥିଲା[୩] ଏହିପରି “ଏହି ସଭା ସର୍ବଜ୍ଞାନୀ ଈଶ୍ୱରଙ୍କ ନିକଟରେ ବିନମ୍ର ପ୍ରାର୍ଥନା ନିବେଦନ କରେ ଯେ ସେ ଏହି ସଭା ଓ ଅନ୍ୟ ସଭାମାନଙ୍କର ଆୟୋଜନ କରିବା ପାଇଁ ଓ ସେମାନଙ୍କୁ ଉପଦେଶ ଦେବା ପାଇଁ, ସେମାନଙ୍କ ମଧ୍ୟରେ ପ୍ରେମ ଓ କରୁଣାଭାବ ସଂଚାର କରିବାପାଇଁ ମହାତ୍ମା ଗାନ୍ଧୀଙ୍କୁ ପଠାଇଛନ୍ତି ” ତେଣୁ ରାମଚନ୍ଦ୍ର ଗୁହା ଲେଖନ୍ତି[୩], “୧୯୧୯ର ରୌଲାଟ୍ (Rowlatt) ସତ୍ୟାଗ୍ରହ ବେଳକୁ ସାରା ଭାରତରେ ଗାନ୍ଧୀଙ୍କର ପ୍ରଶଂସକମାନଙ୍କ ଦ୍ୱାରା ‘ମହାତ୍ମା’ ଉପାଧି ବ୍ୟବହାର ବ୍ୟାପକ ହେଲାଣି ।”(ପୃ ୧୬୫)

**ଓଡ଼ିଶାରେ ପ୍ରୟୋଗ**

ଓଡ଼ିଶାରେ ଏହି ଉପାଧିର ବ୍ୟବହାର ୧୯୧୬ ମସିହାରେ ହୋଇଥିବା ଦେଖାଯାଏ ଯେତେବେଳେ ଉତ୍କଳ ସାହିତ୍ୟର ସମ୍ପାଦକ, ବିଶ୍ୱନାଥ କର, ଏହି ପତ୍ରିକାର ବୈଶାଖ ସଂଖ୍ୟାରେ (୧୯ଶ ଭାଗ, ୧ମ ସଂଖ୍ୟା) ‘ପୁରୁଷସିଂହ ଗାନ୍ଧୀ ’ ଶିରୋନାମାରେ ଲେଖନ୍ତି[୭], “ସଂସାରରେ ଅଗଣ୍ୟ ନରନାରୀ ଜନ୍ମୁଅଛନ୍ତି- କେତେ ଲୀଳାଖେଳା ଦେଖାଉଛନ୍ତି-ଅନେକ ସମୟରେ କେହି କେହି ସ୍ୱୀୟ ଶକ୍ତି ପ୍ରଭାବରେ ଲୋକଙ୍କ ହୃଦୟକୁ ଚମକାଇ ଦେଉଅଛନ୍ତି ଓ ଚକ୍ଷୁକୁ ଝଲସାଇ ଦେଉଅଛନ୍ତି; କିନ୍ତୁ ମାନବ ହୃଦୟର ଅକୃତ୍ରିମ ବିମଳ ଭକ୍ତି ଅନୁରାଗ ସ୍ୱତଃ ଅବିରୋଧରେ ଧାବିତ ହୁଏ କେତେ ଜଣଙ୍କ ପ୍ରତି ? ଏହି ମନୁଷ୍ୟ କୀଟ ହେଉଅଛି, ଅସାର ପଶୁଜୀବଜ ଧାରଣ କରୁଅଛି, ହିଂସ୍ରଜନ୍ତୁ ରୂପେ ପରିଣତ ହେଉଅଛି, ପ୍ରେତ ପିଶାଚ ରାକ୍ଷସର ଲୀଳା ଅଭିନୟ କରୁଅଛି, ଦେବତା ମଧ୍ୟ ହେଉଅଛି । ଦେବତା ଏକା ଭକ୍ତିର ପାତ୍ର । ଏହି ଦେବତ୍ୱର ମୂଳ କେଉଁଠାରେ ? ଋଷି କହିଅଛନ୍ତି-ତ୍ୟାଗେନୈକେନ ଅମୃତତ୍ୱମାନଶୁଃ-ତ୍ୟାଗ ଏକା ଅମୃତପଦବୀ ଦାନ କରେ । ଦିଓଟି ପନ୍ଥା ସମସ୍ତଙ୍କ ସମ୍ମୁଖରେ ମୁକ୍ତ- ପ୍ରେୟ ଓ ଶ୍ରେୟର ପନ୍ଥା-ଭୋଗ ଓ ତ୍ୟାଗର ପନ୍ଥା । ପନ୍ଥା ନିର୍ବାଚନରେ ଦେବତ୍ୱର ସୂତ୍ରପାତ ଓ ପନ୍ଥା ଅନୁସରଣରେ ଦେବତ୍ୱର ବିକାଶ । ମାନବସମାଜରେ ତ୍ୟାଗ ନ କରେ କିଏ ? ଅହରହ ତ ମନୁଷ୍ୟ ଆପଣାକୁ ତ୍ୟାଗ କରୁଅଛି ? କେତେ ଲାଳସା ନିକଟରେ, କେତେ ଖିଆଲ ପଦତଳେ, ଅହମିକାର ଦାସତ୍ୱରେ ମନୁଷ୍ୟ ଆପଣାକୁ ଉତ୍ସର୍ଗ କରୁଅଛି ! ପୁଣି ପଣେ ତ୍ୟାଗରେ

ଷୋଳପଣ ଉପରେ କୋଡ଼ିଏ ପଣ ପ୍ରଦର୍ଶନ-ଆତ୍ମପ୍ରଖ୍ୟାପନ, ଆତ୍ମପ୍ରଚାର !ଏହା ପ୍ରେୟ, ଭୋଗ-ଶ୍ରେୟ ନୁହେଁ, ତ୍ୟାଗ ନୁହେଁ । ସଂସାରରେ ସରଳମନା ସ୍ୱଚ୍ଛନ୍ଦଚି   ତ୍ୟାଗୀ ମାନବ ବଡ଼ ଦୁର୍ଲଭ । ଏହିପରି ଜଣେ ଜଣେ ମାନବ ଏକା ଦେଶର, ଜାତିର ମାନ ବଢ଼ାଇ ଦିଅନ୍ତି-ମାନବର ମହ ୍ୱ ଗୌରବ ପ୍ରତିଷ୍ଠିତ କରନ୍ତି -ନିଜେ ଷୋଳଅଣା ଆତ୍ମତ୍ୟାଗ କରି ଅପର ସାଧାରଣଙ୍କୁ ଚାରି ଅଣା, ଦୁଇ ଅଣା, ଅଣାଏ, ପଇସାଏ ସ୍ୱାର୍ଥ ଛାଡ଼ିବାକୁ ଶିକ୍ଷା ଦିଅନ୍ତି । ଏହିମାନଙ୍କ ତପସ୍ୟାବଳରେ ମାନବସମାଜ ଉର୍ଦ୍ଧ୍ୱକୁ ଉଠୁଅଛି । ତ୍ୟାଗର ପରିମାଣ ଅନୁସାରେ ମାନବର ମହ ୍ୱ - ତ୍ୟାଗୀ ମାନବ ସଂଖ୍ୟା ଘେନି ଜାତିର ଗୌରବ । ମହାତ୍ମା ମୋହନଚାନ୍ଦ (*ଦାସ*) କରମଚାନ୍ଦ ଗାନ୍ଧୀ ଏହି ଶ୍ରେଣୀର ମାନବ ବା ନର ଦେବତା । ତ୍ୟାଗର ମହୋଜ୍ଜ୍ୱଳ ମହିମାରେ ସ୍ୱୟଂ ଗୌରବମୟ ଆସନରେ ଅଧିଷ୍ଠିତ ହୋଇ ସେ ଆଜି ସ୍ୱଦେଶକୁ ସ୍ୱଜାତିକୁ ଗୌରବାନ୍ୱିତ କରିଅଛନ୍ତି । ଧନୀ ଗୃହରେ ଜନ୍ମ ଲଭି -ଧନ, ମାନ, ଭୋଗ, ବିଳାସ ସମସ୍ତର ସର୍ବପ୍ରକାର ସୁଯୋଗ ପାଇ ସେ ଅକାତରେ ସ୍ୱଚ୍ଛନ୍ଦମନରେ ଉପେକ୍ଷିତ, ଲାଂଛିତ, ଉତ୍ପୀଡ଼ିତ ସ୍ୱଦେଶବାସୀଙ୍କ ଉଦ୍ଧାର ପାଇଁ-ସତ୍ୟ ଓ ନ୍ୟାୟର ପ୍ରତିଷ୍ଠା ପାଇଁ ସର୍ବସ୍ୱ ଉତ୍ସର୍ଗ କରିଦେଲେ-ସର୍ବପ୍ରକାର ଅପମାନ ଓ ନିର୍ଯାତନାକୁ ଜୀବନର ଭୂଷଣ ରୂପେ ବରଣ କରିନେଲେ । ଆଫ୍ରିକାବାସୀ ଭାରତୀୟ ଶ୍ରମଜୀବୀମାନଙ୍କ ଦୁରବସ୍ଥା କଥା, ଲାଂଛନା କଥା, ସେମାନଙ୍କ ଅନୁଷ୍ଠିତ ନିଷ୍କ୍ରିୟ ପ୍ରତିରୋଧ (passive resistance)କଥା ପାଠକ ସାଧାରଣଙ୍କୁ ଅବିଦିତ ନ ଥିବ । ସହସ୍ର ସହସ୍ର ଲାଂଛିତ ଭାରତବାସୀ ନରନାରୀ ଦକ୍ଷିଣ ଆଫ୍ରିକାରେ ଆତ୍ମପ୍ରତିଷ୍ଠା ପାଇଁ ଯେଉଁ ଅସାଧାରଣ ବୀରତ୍ୱ ପ୍ରଦର୍ଶନ କରିଅଛନ୍ତି, ତହିଁରେ ଜଗତ ସ୍ତମ୍ଭିତ ହୋଇଅଛି । ତାହାର ମୂଳରେ ମହାତ୍ମା ଗାନ୍ଧୀଙ୍କ ଅପୂର୍ବ ଆତ୍ମତ୍ୟାଗ ଓ ଦୃଢ଼ତା ମହାପ୍ରେରଣା ରୂପେ ବିଦ୍ୟମାନ । ସ୍ତ୍ରୀ ପୁତ୍ର ପରିବାରଙ୍କୁ ନିରାପଦ ଦୂରରେ ରଖି ସେ କେବଳ ନିଜକୁ ଦାନ କରି ନାହାନ୍ତି-ଦୀନ ଦୁଃଖୀମାନଙ୍କ ସହିତ ସମସ୍ତେ ଏକା ଡଙ୍ଗାରେ ବସିଅଛନ୍ତି -ସମସ୍ତଙ୍କୁ ଏକା ଛାଂଚରେ ଗଢୁଅଛନ୍ତି । ଧନ୍ୟ ଗାନ୍ଧୀ-ଧନ୍ୟ ତୁମ୍ଭ ଜନ୍ମ ଓ କର୍ମ । ଆଜି ଆମ୍ଭେମାନେ ଏହି ପୁଣ୍ୟଶ୍ଳୋକ ପୁରୁଷରତ୍ନଙ୍କ ପ୍ରତିକୃତି ଖଣ୍ଡିଏ ପାଠକ ସାଧାରଣଙ୍କୁ ଉପହାର ଦେଇ ଆପଣାକୁ ଧନ୍ୟ ମଣୁଅଛୁଁ । ସମୟକ୍ରମେ ତାଙ୍କ ଜୀବନର ପୁଣ୍ୟ କାହାଣୀ ସଂଗ୍ରହ କରି ଦେବାର ବାସନା ରହିଲା ।”

**‘ମହାତ୍ମା’ ଉପାଧିର ଯଥାର୍ଥତା**

କାହିଁକି ଗାନ୍ଧୀଙ୍କୁ ମହାତ୍ମା ଉପାଧିରେ ଭୂଷିତ କରାଯାଇପାରେ, ଗାନ୍ଧୀ ସାହିତ୍ୟରେ ଏହାର ଯଥାର୍ଥତା ସନ୍ଧାନୀ ଗବେଷକମାନଙ୍କ ପାଇଁ ବିଶ୍ୱନାଥ କରଙ୍କ ସମ୍ପାଦକୀୟ ଏକ ବଳିଷ୍ଠ ଦୃଷ୍ଟାନ୍ତ ହୋଇପାରେ । ବିଶେଷତଃ ଯେତେବେଳେ ବିଶ୍ୱନାଥ କର ମହୋଦୟ ଏହା ଲେଖୁଛନ୍ତି ଗାନ୍ଧୀ ଭାରତରେ ପଦାର୍ପଣ କରିବାର ମାତ୍ର ବର୍ଷକ ଭିତରେ (ଏପ୍ରିଲ-ମେ,୧୯୧୬) । ବିଶ୍ୱନାଥ କର ଦେଉଥିବା ଯଥାର୍ଥତା ପଛରେ ଯୁକ୍ତିର ପ୍ରାୟ ପ୍ରତିଧ୍ୱନି ଶୁଭେ ରବୀନ୍ଦ୍ରନାଥଙ୍କ ସ୍ୱରରେ, ଯେତେବେଳେ ୧୯୨୧ ମସିହାରେ ସେ ଲେଖନ୍ତି , “ମହାତ୍ମା ଗାନ୍ଧୀ ଆସିଲେ, ଓ କୋଟି କୋଟି ବଂଚିତ-ଅବହେଳିତ ଜନତାଙ୍କ ଘରେ ପହଂଚିଲେ, ତାଙ୍କରି ଭଳି ପରିଧାନ ପିନ୍ଧି, ଓ ସେମାନଙ୍କ ସହ ତାଙ୍କରି ଭାଷାରେ କଥା ହେଲେ । ଶେଷରେ ଏହାହିଁ ସତ୍ୟ, ଏହା ପୁସ୍ତକରୁ କୌଣସି ଉଦ୍ଧୃତି ନୁହଁ । ସେଇଥିପାଇଁ ତାଙ୍କୁ ଦିଆଯାଇଥିବା ମହାତ୍ମା ନାମ ତାଙ୍କର ସଠିକ ନାମ । ତାଙ୍କ ବ୍ୟତୀତ ଆଉ କିଏ ବା ଭାବିଛି ଯେ ଭାରତର ଜନସାଧାରଣ ତାଙ୍କ ନିଜର ରକ୍ତ ମାଂସ ? ” ଏହି ଯଥାର୍ଥତାକୁ ରବୀନ୍ଦ୍ରନାଥ ପ୍ରାୟ ଦୋହରାଇ ଥିଲେ ପୁଣି ୧୧ବର୍ଷପରେ, ଯେତେବେଳେ ଗାନ୍ଧୀଙ୍କର ୬୪ତମ ଜନ୍ମ ଜୟନ୍ତୀରେ (ଭାରତୀୟ ପାଂଜି ଅନୁସାରେ ୨୭ ସେପ୍ଟେମ୍ବର ୧୯୩୨) ଉପସ୍ଥିତ ରହି ଗାନ୍ଧୀ ଅନୁଯାୟୀମାନଙ୍କୁ ରବୀନ୍ଦ୍ରନାଥ ଉଦବୋଧନ ଦେଇ କହୁଥିଲେ, “ଆମେ ଜାଣୁ ଯେ ଉପନିଷଦମାନଙ୍କରେ ସେହି ଦେବତାଙ୍କୁ ମହାତ୍ମା କୁହାଯାଇଛି ଯିଏ ସବୁ ମଣିଷଙ୍କ ହୃଦୟରେ ବାସ କରନ୍ତି । ଆମେ ଆଜି ଯାହାଙ୍କୁ ସମ୍ମାନିତ କରୁଛୁ ତାଙ୍କୁ ଏହି ଉପାଧି ଦିଆଯିବା ଠିକ କାରଣ ସେ ସଂକୀର୍ଣ୍ଣ ବ୍ୟକ୍ତିଚେତନାର ସୀମାରେ ଆବଦ୍ଧ ନୁହନ୍ତି । ତାଙ୍କର ବାସସ୍ଥାନ ହେଉଛି ବିଶାଳ  ଅବର୍ଣ୍ଣିତ ସମୁଦାୟର ହୃଦୟ , ଯେଉଁ ସମୁଦାୟରେ ଅଛନ୍ତି ଭାରତରେ ଏବେ ଜନ୍ମିତ ବ୍ୟକ୍ତିଗଣ, ଏବଂ ଯେଉଁମାନେ ଅନାଗତ । ତାଙ୍କ (*ଗାନ୍ଧୀଙ୍କର*) ହୃଦୟର ଏହି ମହାନତା, ଯାହାର କ୍ଷମତା ଅଛି ଅନ୍ୟର ହୃଦୟକୁ ବୁଝିବା ପାଇଁ, ସମ୍ଭବ କରିଛି ଏଯାବତ୍ ଇତିହାସରେ ଦେଖା ଯାଇ ନଥିବା ଏକ ସ୍ଥିତି ଯେତେବେଳେ ଜନଗଣ ଜାଗ୍ରତ ହୋଇଛନ୍ତି ଓ ଏହି ମହାନ ତଥ୍ୟଟି ଜାଣିବାରେ ସମର୍ଥ ହୋଇଛନ୍ତି ଯେ ଭାରତ କେବଳ ଗୋଟିଏ ଭୌଗଳିକ ସ । ନୁହେଁ  ବରଂ ଏକ ଜୀବନ୍ତ ସତ୍ୟ ଯେଉଁଠି ସେମାନେ ବସବାସ କରନ୍ତି, ବିଚରଣ କରନ୍ତି ଓ ରହିଛି ସେମାନଙ୍କର ଅସ୍ତିତ୍ୱ ।”

***ଉପସଂହାର***

କେବେ ପ୍ରଥମେ ଗାନ୍ଧୀଙ୍କୁ ମହାତ୍ମା ବୋଲି ଉଲ୍ଲେଖ କରାଗଲା ଓ କିଏ ପ୍ରଥମେ ଉଲ୍ଲେଖ କଲା, ସେ ପ୍ରଶ୍ନ ସବୁବେଳେ ଉଠିଛି । ୨୦୧୨ରେ, ସୂଚନା ଅଧିକାର ଆଇନ (RTI) ବଳରେ ଏହାର ଉ ର ଲୋଡ଼ା ଯାଇଥିଲା Indian Concil of Historical Research ଓ National Archives ଠାରୁ । ଏହାର ଉ ରରେ ଏହି ଦୁଇ ଅନୁଷ୍ଠାନ ଜଣାଇଥିଲେ[୧୦] ଯେ ସେମାନଙ୍କ ପାଖରେ ଏ ସମ୍ପର୍କରେ କୌଣସି ପ୍ରାମାଣିକ ସୂଚନା ନାହିଁ । କିନ୍ତୁ ଉପରୋକ୍ତ ଆଲୋଚନା ଅନୁସାରେ, ଏହା ୧୯୧୦ ମସିହା ବୋଲି କୁହାଯାଇପାରେ ଏବଂ ଏପରି କରିଥିଲେ ଗାନ୍ଧୀଙ୍କ ବନ୍ଧୁ ପ୍ରାଣଜୀବନ ମେହଟା, ଗୋପାଳକୃଷ୍ଣ ଗୋଖଲେଙ୍କୁ ଲେଖିଥିବା ଏକ ଘରୋଇ ପତ୍ରରେ । ସର୍ବସାଧରଣରେ ଏପରି ଉଲ୍ଲେଖ କରାଯାଇଥିଲା ୧୨ଜୁଲାଇ ୧୯୧୪ରେ, ଦକ୍ଷିଣ ଆଫ୍ରିକାର ଡରବାନ ସହରରେ ଗାନ୍ଧୀଙ୍କୁ ସମ୍ବର୍ଦ୍ଧିତ କରିବା ଅବସରରେ । ସ୍ୱାଭାବିକ ଏହି ଅବସରରେ କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ଏହା ଉଲ୍ଲେଖ କରାଯିବାର ଶ୍ରେୟ ଦିଆଯାଇ ନ ପାରେ । କିନ୍ତୁ ଯେଉଁ ଅଜଣା ସାମ୍ବାଦିକଙ୍କୁ ଏହାର ଶ୍ରେୟ ଦିଆ ଯାଇଛି, ଅଦାଲତରେ ପେଶ କରାଯାଇଥିବା ଉ ରମାଳରେ, ସମ୍ଭବତଃ ସେ ତାଙ୍କ ପତ୍ରରେ ଉକ୍ତ ଡରବାନ ସହରର ସମ୍ବର୍ଦ୍ଧନା ସଭାର ଉଲ୍ଲେଖ କରିଥିଲେ[୯] । ଏହା ପରେ ୧୯୧୫ରୁ ୧୯୧୯ ମଧ୍ୟରେ ଯେଉଁମାନେ ଗାନ୍ଧୀଙ୍କ ପାଇଁ ମହାତ୍ମା ଶବ୍ଦର ପ୍ରୟୋଗ କରିଛନ୍ତି, ସେମାନଙ୍କ ମଧ୍ୟରେ କବି ରବୀନ୍ଦ୍ରନାଥଙ୍କର ପ୍ରବେଶ ହୋଇଛି ୧୯୧୯ ମସିହା ଏପ୍ରିଲ ମାସର ଦ୍ୱିତୀୟ ସପ୍ତାହରେ । ଅର୍ଥାତ୍ ରବୀନ୍ଦ୍ରନାଥ ଗାନ୍ଧୀଙ୍କୁ 'ମହାତ୍ମା' ବୋଲି ଉଲ୍ଲେଖ କରିବା ପୂର୍ବରୁ ଗାନ୍ଧୀଙ୍କ ପାଇଁ 'ମହାତ୍ମା' ଶବ୍ଦର ପ୍ରୟୋଗ ଭାରତ ବର୍ଷର ବିଭିନ୍ନ ଅଂଚଳରେ (ଯେପରି ପଶ୍ଚିମରେ ଗୁଜୁରାଟ, ଦକ୍ଷିଣରେ ମାଡ୍ରାସ, ଓ ପୂର୍ବରେ ଓଡ଼ିଶା) ହୋଇଥିଲା । କିନ୍ତୁ ନୋବେଲ ପୁରସ୍କାର ବିଜେତା କବି ରବୀନ୍ଦ୍ରନାଥ ଗାନ୍ଧୀଙ୍କୁ ମହାତ୍ମା ବୋଲି ସମ୍ବୋଧନ କରି ପତ୍ର ଲେଖିବା, ଓ ଏହି ପ୍ରୟୋଗର ଯଥାର୍ଥତାକୁ ବିଭିନ୍ନ ଅବସରରେ ପ୍ରତିପାଦିତ କରିବା, 'ମହାତ୍ମା' ଶବ୍ଦଟିକୁ ଗାନ୍ଧୀଙ୍କ ପର୍ଯ୍ୟାୟବାଚୀ କରିଦେଲା । ମହାତ୍ମା କହିଲେ ଗାନ୍ଧୀଙ୍କୁ ହିଁ ବୁଝାଗଲା । ଡି ଜି ଟେଣ୍ଡୁଲକର ତ ଗାନ୍ଧୀଙ୍କ ଜୀବନୀର ଶିରୋନାମା ଦେଲେ[୧୧] 'ମହାତ୍ମା' । ଉଭୟ ରବୀନ୍ଦ୍ରନାଥ ଟାଗୋର ଓ ମୋହନଦାସ କରମଚାନ୍ଦ ଗାନ୍ଧୀଙ୍କ ବ୍ୟକ୍ତିତ୍ୱ ଏପରି ଶୀର୍ଷରେ ପହଂଚିଥିଲା ଓ ଯାହା ଏଯାବତ୍ ମଧ୍ୟ କାଏମ ରହିଛି, ତାହାର ପୃଷ୍ଠଭୂମିରେ ଟାଗୋର ଗାନ୍ଧୀଙ୍କୁ 'ମହାତ୍ମା' ସମ୍ବୋଧନ କରିବା ଓ ଗାନ୍ଧୀ ଟାଗୋରଙ୍କୁ 'ଗୁରୁଦେବ' ସମ୍ବୋଧନ କରିବା, ଏହି ଦୁଇ ମନୀଷୀ ଏହି ଦୁଇଟି ଉପାଧି ପ୍ରୟୋଗର ଯଥାକ୍ରମେ ସ୍ରଷ୍ଟା ବୋଲି ଧାରଣା ସାଧାରଣଙ୍କ ଭିତରେ ସୃଷ୍ଟି ହୋଇଛି ଓ ଏହା ଗଡ଼ି ଆସୁଛି । ଏହା ତଥ୍ୟ ଦୃଷ୍ଟିରୁ ଠିକ ନ ହେଲେ ମଧ୍ୟ ଏହାକୁ ଜନମାନସରୁ ପୋଛି ଦେବା ସହଜ ନୁହେଁ । ଟାଗୋର ବିଦ୍ୱାନ ଓ କବି ଶଂଖ ଘୋଷଙ୍କ ଭାଷାରେ[୯], "ଯେତେବେଳେ ଗୋଟିଏ ବିଶ୍ୱାସ ବହୁ ଦିନ ଧରି ଚାଲି ଆସୁଥାଏ, ସେତେବେଳେ ଏହାକୁ ନାକଚ କରିବା ଲୋକଙ୍କ ପକ୍ଷରେ କଷ୍ଟକର ହୋଇଥାଏ । ଏପରିକି ତ୍ରୁଟି ଦେଖାଇ ଦିଆଗଲେ ମଧ୍ୟ, ଏହା ଅଣଦେଖା ହୋଇ ଯାଇଥାଏ । " ଏହି ବିଶ୍ୱାସ ସୃଷ୍ଟି କରାଯାଇଥାଏ ସଚେତନ ଭାବେ । ତା ନହେଲେ କାହିଁକି, ଯେପରି ଶଂଖ ଘୋଷ ଦର୍ଶାଇଛନ୍ତି[୯], ୧୯୧୫ ମସିହାରେ ଟାଗୋର ଅଣ୍ଡ୍ରୁଜଙ୍କୁ ଲେଖିଥିବା ମୂଳ ଚିଠିରେ ଉଲ୍ଲେଖ ଥିବା 'Mr Gandhi' , ୧୯୨୮ରେ ପ୍ରକାଶିତ 'Letters to a Friend' ସଂକଳନରେ ସ୍ଥାନ ପାଇଲା ବେଳକୁ 'Mahatmai' ଶବ୍ଦରେ ବଦଳିଯାଏ ? କିନ୍ତୁ ଏହା କେହି ଅସ୍ୱୀକାର କରିବ ନାହିଁ ଯେ ଦୁହେଁ, ଗାନ୍ଧୀ ଓ ରବୀନ୍ଦ୍ରନାଥ, ସେମାନଙ୍କୁ ଦିଆଯାଇଥିବା ଉପାଧିର ଯଥାର୍ଥ ଅଧିକାରୀ; କିଏ ଏହି ଉପାଧି ପ୍ରଥମେ ଦେଲା ଓ କେବେ ଦିଆଗଲା, ସେ ସମସ୍ତ ବିବାଦର ସମ୍ପୂର୍ଣ୍ଣ ଉର୍ଦ୍ଧ୍ୱରେ ।

ଗାନ୍ଧୀଙ୍କ ପାଇଁ 'ମହାତ୍ମା' ଉପାଧି ତ ସାର୍ବଜନୀନ ହୋଇଅଛି । କିଏ ପ୍ରଥମେ ଏହି ଉପାଧି ଦେଇଛି ତାକୁ ନେଇ ଯଦିଓ ବିବାଦ । କିନ୍ତୁ ଗାନ୍ଧୀଙ୍କ ପାଇଁ 'ପୁରୁଷସିଂହ' ଉପାଧି ପାଇଁ କୌଣସି ବିବାଦ ହୋଇପାରେନା । ଗାନ୍ଧୀଙ୍କ ପାଇଁ ଏହି କ୍ୱଚିତ ବ୍ୟବହୃତ ଉପାଧି ବିଶ୍ୱନାଥ କର ହିଁ ପ୍ରଥମେ ବ୍ୟବହାର କରିଥିଲେ, ଆଜକୁ ୧୦୨ବର୍ଷ ତଳେ, ଯେତେବେଳେ ସେ 'ପୁରୁଷସିଂହ ଗାନ୍ଧୀ' ଶିରୋନାମାରେ ଗାନ୍ଧୀଙ୍କ ତ୍ୟାଗର ମହିମା ମଣ୍ଡନ କରି ତାଙ୍କଠାରେ ଦେଖୁଥିଲେ 'ଉପେକ୍ଷିତ, ଲାଂଛିତ, ଉତ୍ପୀଡ଼ିତ ସ୍ୱଦେଶବାସୀଙ୍କ ଉଦ୍ଧାର' ହେବାର ସମ୍ଭାବନା ।

***<u>ବ୍ୟବହୃତ ଉପାଦାନ ସୂଚୀ</u>***

୧. It was Tagore who gave 'Mahatma' title to Gandhi: Gujrat HC, PTI, Times of India, Feb.19, 2016, https://timesofindia.indiatimes.com/india/It-was-Tagore-who-gave-Mahatma-title-to-Gandhi-Guj.

୨. Scribe, not Tagore, gave Mahatma title to Bapu!,BY TNN | UPDATED: FEB 15, 2016, The Economic Times https://economictimes.indiatimes.com/magazines/panache/scribe-not-tagore-gave-mahatma-title-.

୩. Gandhi-the years that changed the world , 1914-1948, Ramchandra Guha, Penguin Random House, 2018, p.164

୪. Rabindranath Tagore didn't give 'Mahatma' title, says poet , TNN | Feb 16, 2016, Times of India https://timesofindia.indiatimes.com/city/kolkata/Rabindranath-Tagore-didnt-give-Mahatma-title-..

୫. Gandhi Letter 23A : From Rabindranath Tagore, http://www.gandhiashramsevagram.org/selected-letters-of-mahatma/gandhi-letter-from-rabindranath-tagore.php

୬.Gandhi Letter 23 : To Rabindranath Tagore ,http://www.gandhiashramsevagram.org/selected-letters-of-mahatma/gandhi-letter-to-rabindranath-tagore.php

୭.ସମ୍ପାଦକ ବିଶ୍ୱନାଥ କର, ଉତ୍କଳ ସାହିତ୍ୟ, ୧୯ଶ ଭାଗ, ୧ମ ସଂଖ୍ୟା, ବୈଶାଖ (ଏପ୍ରିଲ-ମେ) ପୃ ୫୬,୧୯୧୬

୮.The Call of Truth, Rabindranath Tagore, The Modern Review, October, 1921, pp. 423-33; reproduced in The Writings of Gandhi, edited by Ronald Duncan, Rupa & Co., 1971, pp.100-19

୯. Mahatma, DGTendulkar, vol.3, p. 177

୧୦. Rabindranath Tagore gave the title of Mahatma to Mohandas Karamchand Gandhi, says Gujarat High Court, Scroll Staff,Feb 20, 2016 ,https://scroll.in/latest/803884/rabindranath-tagore-gave-the-title-of-mahatma-to-mk-gandhi-says-gujarat-high-court

୧୧.Mahatma-Life of Mohandas Karamchand Gandhi, in Eight Volumes, by D G Tendulkar, Publications Division, Government of India, 1st Edition, 1951